# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 3 February - 2026

**********************************

## ମୁଖ୍ୟ ସମ୍ବାଦ

- ଓଡ଼ିଶା ଗସ୍ତର ଦ୍ୱିତୀୟ ଦିନରେ ମା' ବିରଜାଙ୍କ ପୀଠରେ ପିଣ୍ଡଦାନ କଲେ ରାଷ୍ଟ୍ରପତି
- ମହିଳାମାନଙ୍କର ସୁରକ୍ଷା ଓ ସମ୍ମାନଜନକ ଜୀବନଯାପନ ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ; କହିଲେ ମୁଖ୍ୟମନ୍ତ୍ରୀ

— ଗଞ୍ଜାମ ଜିଲ୍ଲାର ତାରାତାରିଣୀ ପୀଠରେ ଶୁଭାରମ୍ଭ ହେଲା 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'

- ତଥ୍ୟ ଆଦାନ-ପ୍ରଦାନ ଆଳରେ ନାଗରିକଙ୍କ ଗୋପନୀୟତା ଅଧିକାର ସହ ସାଲିସ୍ କରାଯାଇପାରିବ ନାହିଁ; ମତ ଦେଲେ ସୁପ୍ରିମ୍‌କୋର୍ଟ

ଏବଂ

- ଜାନୁୟାରୀ-୨୦୨୬ ଶିକ୍ଷା ସତ୍ର ପାଇଁ ଇଗ୍ନୋ ପାଠ୍ୟକ୍ରମରେ ଆବେଦନ ଓ ପୁନଃପଞ୍ଜୀକରଣ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି

## ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ୬ ଦିନିଆ ଓଡ଼ିଶା ଗସ୍ତର ଦ୍ୱିତୀୟ ଦିନରେ ଆଜି ସକାଳେ **ଯାଜପୁର**ସ୍ଥିତ ମା' ବିରଜା କ୍ଷେତ୍ର ଯାଇ ସେ ମନ୍ଦିର ପରିସରରେ ଥିବା ନାଭିଗୟା କୁଣ୍ଡରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିଛନ୍ତି । ୪ ଜଣ ବେଦାଚାର୍ଯ୍ୟ ରାଷ୍ଟ୍ରପତିଙ୍କର ପିଣ୍ଡଦାନ କାର୍ଯ୍ୟରେ ବେଦମନ୍ତ୍ର ପାଠ କରିଥିଲେ । ଏହାପରେ ରାଷ୍ଟ୍ରପତି ମା' ବିରଜାଙ୍କୁ ଦର୍ଶନ କରିବା ସହିତ ମନ୍ଦିର ପରିସରରେ ଥିବା ଈଶାନେଶ୍ୱର ୧୦୮ ଶିବଲିଙ୍ଗ ଦର୍ଶନ କରିଥିଲେ । କାର୍ଯ୍ୟକ୍ରମର ଶେଷରେ ଜିଲ୍ଲା ଓ ମନ୍ଦିର ପ୍ରଶାସନ ପକ୍ଷରୁ ମା' ବିରଜା ମନ୍ଦିରର ସମ୍ପ୍ରସାରଣ ଓ ସୌନ୍ଦର୍ଯ୍ୟକରଣ ବାବଦରେ ରାଷ୍ଟ୍ରପତିଙ୍କୁ ଅବଗତ କରାଯାଇଥିଲା ।

ରାଷ୍ଟ୍ରପତି ଯାଜପୁର ଗସ୍ତ ସାରି ବାଲେଶ୍ୱର ଜିଲ୍ଲା ଫକୀରମୋହନ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ଯୋଗଦେଇଛନ୍ତି ।

## କନ୍ୟା ବିବାହ ମୁଖ୍ୟମନ୍ତ୍ରୀ

ରାଜ୍ୟର ଜନସାଧାରଣଙ୍କ ସ୍ୱାର୍ଥର ସୁରକ୍ଷା ଓ ମହିଳାମାନଙ୍କ ସମ୍ମାନଜନକ ଜୀବନଯାପନ ପାଇଁ ସରକାର ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । **ଗଞ୍ଜାମ** ଜିଲ୍ଲାର ମା'ତାରାତାରିଣୀ ପୀଠରେ ଆଜି 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'ର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ଓ ଅନୁସୂଚିତ ଜାତି-ଜନଜାତି ପରିବାର ପାଇଁ

ସରକାରଙ୍କ ଏହି ଯୋଜନା ଆର୍ଥିକ ସହାୟତାର ଏକ ସୁଦୃଢ଼ ମାଧ୍ୟମ ପାଲଟିବ। ଏହି ବର୍ଗର ଝିଅମାନଙ୍କର ବିବାହ ପାଇଁ ସରକାର ୬୦ ହଜାର ଟଙ୍କା ବ୍ୟୟ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## - V/O -(CM)

ସରକାରଙ୍କ ଏହି ପ୍ରୟାସ ଆର୍ଥିକ ସହାୟତା ସହିତ  ସମାଜରୁ ଯୌତୁକ ଭଳି କୁପ୍ରଥାର ବିଲୋପ ଏବଂ କନ୍ୟା ସନ୍ତାନଙ୍କ ପ୍ରତି ସମାଜରେ ଏକ ସମ୍ମାନଜନକ ଦୃଷ୍ଟିକୋଣ ସୃଷ୍ଟି କରିବାରେ ବଳିଷ୍ଠ ଭୂମିକା ଗ୍ରହଣ କରିବ। ବିଧବା ବିବାହକୁ ପ୍ରୋତ୍ସାହନ କରିବା ସହିତ ବିବାହ ପଞ୍ଜୀକରଣକୁ ବାଧ୍ୟତାମୂଳକ କରି ମହିଳାଙ୍କ ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ୨୦୧ ବର-କନ୍ୟାଙ୍କ ସାମୂହିକ ବିବାହ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସୁରକ୍ଷା ଓ ଲିଙ୍ଗଗତ ସମାନତା ପାଇଁ ଓଡ଼ିଶା ସରକାରଙ୍କର ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସାଂସଦ ଡକ୍ଟର ପ୍ରଦୀପ କୁମାର ପାଣିଗ୍ରାହୀ, ଅନୀତା ଶୁଭଦର୍ଶିନୀ, ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ସମେତ ବିଧାୟକମାନେ ଉପସ୍ଥିତ ଥିଲେ।

## ନୋ ଫ୍ଲାଇଂ ଜୋନ୍

ରାଷ୍ଟ୍ରପତିଙ୍କ ପୁରୀ ଗସ୍ତକୁ ଦୃଷ୍ଟିରେ ରଖି ଡ୍ରୋନ୍ ଉଡିବା ଉପରେ କଟକଣା ଜାରି କରାଯାଇଛି। ଆଜି ଅପରାହ୍ଣ ୧୨ଟାରୁ ଆସନ୍ତାକାଲି ଅପରାହ୍ଣ ୧୨ଟା ପର୍ଯ୍ୟନ୍ତ ପୁରୀ ସହରକୁ ଡ୍ରୋନ୍ ମୁକ୍ତ ଅଂଚଳ ବା ନୋ ଫ୍ଲାଇଂ ଜୋନ୍ ଘୋଷଣା କରାଯାଇଛି। ରାଷ୍ଟ୍ରପତିଙ୍କ ସୁରକ୍ଷା ପ୍ରୋଟୋକଲ 'ବ୍ଲୁ ବୁକ୍' ଅନୁଯାୟୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ପୁରୀ ସହରର ୧୦ କିଲୋମିଟର ପରିସୀମା ଅଂଚଳକୁ ନୋ ଫ୍ଲାଇଂ ଜୋନ୍ ଘୋଷଣା କରିଛନ୍ତି।

## ସମ୍ପୂର୍ଣ୍ଣତା ଅଭିଯାନ

**ଗଜପତି** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସମ୍ପୂର୍ଣ୍ଣତା ଅଭିଯାନ ଦ୍ୱିତୀୟର କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଓ ନୀତିଆୟୋଗ ପକ୍ଷରୁ କରାଯାଉଥିବା ଏହି କାର୍ଯ୍ୟକ୍ରମରେ  ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରଓ୍ୱାଲ ଯୋଗଦେଇ ଗଜପତି ଜିଲ୍ଲାର ସଂପୂର୍ଣ୍ଣତା ଅଭିଯାନର ମୂଳ ଲକ୍ଷ୍ୟ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପାନୀୟ ଜଳ ଆଦି କ୍ଷେତ୍ରରେ ଲକ୍ଷ୍ୟ ହାସଲ ସକାଶେ ଦୃଢ଼ ସଂକଳ୍ପ ନେବା ଉପରେ ଗୁରୁତ୍ୱ ଦେଇଛନ୍ତି। ପରେ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ସମ୍ପୂର୍ଣ୍ଣତା ଅଭିଯାନର ସଫଳତା ଉପରେ ଶପଥପାଠ କରାଇଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଡକ୍ଟର ମାୟାଧର ସାହୁଙ୍କ ସମେତଅନ୍ୟାନ୍ୟ ସରକାରୀ ଅଧିକାରୀ ଯୋଗ ଦେଇଛନ୍ତି।

ସଂପୂର୍ଣ୍ଣତା ଅଭିଯାନ-୨ ଜାନୁୟାରୀ ମାସ ୨୮ ତାରିଖରୁ  ଏପ୍ରିଲ ମାସ ୧୪ ତାରିଖ୍ ପର୍ଯ୍ୟନ୍ତ ଚାଲିବ। ଜିଲ୍ଲାର ଆକାଂକ୍ଷା ପଂଚାୟତ ସମିତି ଆର. ଉଦୟଗିରି ଓ ଗୁମ୍ମା ବ୍ଲକ୍‌ର ସାମଗ୍ରୀକ ବିକାଶ କ୍ଷେତ୍ରରେ ଏହି ଅଭିଯାନ ଜାରି ରହିବ ବୋଲି ସରକାରୀ ଭାବେ କୁହାଯାଇଛି।

**ନବରଙ୍ଗପୁର** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଅଶୋକ ମେହେଟା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସମ୍ପୂର୍ଣ୍ଣତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଆଂକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଅଧୀନରେ ୫ଟି ପ୍ରମୁଖ ସୂଚକ ଓ ଆଂକାକ୍ଷୀ ବ୍ଲକ୍ କାର୍ଯ୍ୟକ୍ରମ ଅଧୀନରେ ୬ଟି ସୂଚକର ପରିପୂର୍ଣ୍ଣତା ହାସଲ କରିବା ପାଇଁ ସମୟ ସୀମାବଦ୍ଧ କାର୍ଯ୍ୟ ଯୋଜନା ଚୂଡାନ୍ତ କରାଯାଇଛି।

# ସୁପ୍ରିମକୋର୍ଟ ମେଟା

ତଥ୍ୟ ଆଦାନ ପ୍ରଦାନ ଆଳରେ କମ୍ପାନୀମାନେ ନାଗରିକଙ୍କ ଗୋପନୀୟତା ଅଧିକାର ସହିତ ସାଲିସ୍ କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଭାରତୀୟ ପ୍ରତିଯୋଗିତା ଆୟୋଗ-ସିସିଆଇ ନାଗରିକ ଗୋପନୀୟତା ନୀତି ଉପରେ ଲଗାଇଥିବା ୨୧୩ କୋଟି ୧୪ଲକ୍ଷ ଟଙ୍କାର ଜୋରିମାନା ଆଦେଶ ବିରୋଧରେ ଆଗତ ଆବେଦନର ଶୁଣାଣି କରି ଆଜି ସୁପ୍ରିମକୋର୍ଟ ମେଟା ଏବଂ ହ୍ୱାଟ୍ସଆପ୍‌କୁ କଡା ସମାଲୋଚନା କରିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟା ବାଗ୍‌ଚୀ ଏବଂ ଜଷ୍ଟିସ ବିପୁଲ ଏମ୍ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାରେ

ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟକୁ ପକ୍ଷଭୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସରକାରଙ୍କ ପକ୍ଷରୁ ସଲିସେଟର ଜେନେରାଲ ତୁଷାର ମେହେଟା ଖଣ୍ଡପୀଠରେ ଉପସ୍ଥିତ ରହି ବ୍ୟାବସାୟିକ ଉଦ୍ଦେଶ୍ୟରେ ବ୍ୟବହାରକାରୀଙ୍କ ତଥ୍ୟ ବାଣ୍ଟିବାର ଶୋଷଣକାରୀ ଅଭ୍ୟାସକୁ ସମାଲୋଚନା କରିଥିଲେ । ମେଟା ଏବଂ ହ୍ୱାଟ୍ସଆପ୍ ପକ୍ଷରୁ ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ ଏବଂ ଅଖିଳ ଶିବଲ କହିଥିଲେ ବ୍ୟବହାରକାରୀଙ୍କ ସମସ୍ତ ମେସେଜ୍ ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ କମ୍ପାନୀଗୁଡ଼ିକ କୌଣସି ବିଷୟବସ୍ତୁକୁ ଆକ୍ସେସ୍ କରିପାରିବେ ନାହିଁ ।

## ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶ

ରାଜ୍ୟରେ ନବଗଠିତ ୭ଟି ମ୍ୟୁନିସିପାଲିଟି ଏବଂ ୨୯ଟି ଏନ୍ଏସିରେ ସୀମା ପୁନଃନିର୍ଦ୍ଧାରଣ ଏବଂ ଆସନ ସଂରକ୍ଷଣ କାର୍ଯ୍ୟ ଆସନ୍ତା ମାର୍ଚ୍ଚ ମାସ ଶେଷ ସୁଦ୍ଧା ସମ୍ପନ୍ନ କରିବାକୁ ନଗର ଉନ୍ନୟନ ବିଭାଗ ପକ୍ଷରୁ ୧୮ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୧୨ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବା ସହ ମତାମତ ଏବଂ ଆପତ୍ତି ଅଭିଯୋଗ ଦାଖଲ ପାଇଁ ଆସନ୍ତା ୨୧ ତାରିଖକୁ ସମୟସୀମା ଧାର୍ଯ୍ୟ କରାଯାଇଛି । ମାର୍ଚ୍ଚ ୧୮ରୁ ୨୮ ତାରିଖ ମଧ୍ୟରେ ଏହା ଉପରେ ଶୁଣାଣି କରାଯାଇ ୩୧ତାରିଖରେ ଚୂଡାନ୍ତ ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ବିଭାଗ ପକ୍ଷରୁ ଜଣାପଡିଛି ।

## ବିଜ୍ଞପ୍ତି ପ୍ରକାଶ

ରାଜ୍ୟରେ ଆସନ୍ତା ଗୁରୁବାରଠାରୁ ୫୭ଟି ଉପନିବନ୍ଧକଙ୍କ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେବା ନେଇ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ନୂତନ କାର୍ଯ୍ୟାଳୟ ଆରମ୍ଭ ହେବାଦ୍ୱାରା ଜମି କିଣାବିକା ଏବଂ ପଞ୍ଜିକରଣ ତ୍ୱରିତ ଓ ସହଜ ହୋଇପାରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

## ରେଳ ବଜେଟ୍

ଆସନ୍ତା ଆର୍ଥିକ ବର୍ଷ-୨୦୨୬-୨୭ ବଜେଟ୍‌ରେ ଓଡ଼ିଶାରେ ରେଳବାଇ କ୍ଷେତ୍ର ପାଇଁ ୧୦ ହଜାର ୯୨୮ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ରେଳ ଭିତ୍ତିଭୂମି ବିକାଶ, ନୂତନ ରେଳପଥ ନିର୍ମାଣ, ରେଳ ଷ୍ଟେସନ୍‌ଗୁଡ଼ିକର ପୁନଃବିକାଶ, ଯାତ୍ରୀ ସୁରକ୍ଷାକୁ ସୁନିଶ୍ଚିତ କରିବା ନେଇ ଏହି ଅର୍ଥ ଖର୍ଚ୍ଚ କରାଯିବ। ରାଜ୍ୟରେ ରେଳବାଇ କ୍ଷେତ୍ରରେ ୯୦ ହଜାର ୬୫୯ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ଜାରି ରହିଛି। ଅମୃତ ଷ୍ଟେସନ୍ ଯୋଜନା ଅଧୀନରେ ରାଜ୍ୟର ୫୯ଟି ଷ୍ଟେସନ୍‌କୁ ପୁନଃ ବିକଶିତ କରିବା ପାଇଁ ଚିହ୍ନଟ କରାଯାଇଛି। ଏଥିପାଇଁ ୨ ହଜାର ୪୩୯ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଇତିମଧ୍ୟରେ ୬ଟି ଷ୍ଟେସନ୍‌ର କାର୍ଯ୍ୟ ଶେଷ ହୋଇଛି। ରାଜ୍ୟର ସମସ୍ତ ରେଳପଥ ଇତିମଧ୍ୟରେ ବିଦ୍ୟୁତୀକରଣ ହୋଇସାରିଥିବା ଭାରତୀୟ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି।

## ପଦଯାତ୍ରା

କନ୍ୟାସନ୍ତାନମାନଙ୍କର ସାମୂହିକ ଉନ୍ନତି ନେଇ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ସଚେତନତାମୂଳକ ପଦଯାତ୍ରା ଆୟୋଜିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର

ପଦଯାତ୍ରାର ଶୁଭାରମ୍ଭ କରି କହିଛନ୍ତି, ମହିଳାମାନଙ୍କର ଶିକ୍ଷା, ସୁରକ୍ଷା, ସ୍ୱାସ୍ଥ୍ୟ ଓ ଅଧିକାର ସମ୍ପର୍କରେ  ସଚେତନତା ସୃଷ୍ଟି କରିବା ଏହି ପଦଯାତ୍ରାର ମୂଳ ଲକ୍ଷ୍ୟ।

## ସତ୍‌ସଙ୍ଗ ମହୋତ୍ସବ

ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୮ତମ ଜନ୍ମ ମହୋତ୍ସବ ତଥା **ନୂଆପଡ଼ା** ଜିଲ୍ଲାସ୍ତରୀୟ ସତ୍‌ସଙ୍ଗ ମହୋତ୍ସବ ପାଳିତ ହୋଇଯାଇଛି। କଳାହାଣ୍ଡିର ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ।

## ଇଗ୍ନୋ ନାମଲେଖା

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ-ଇଗ୍ନୋରେ ଜାନୁଆରୀ ଶିକ୍ଷା ସତ୍ର ପାଇଁ ନାମଲେଖା ଏବଂ ପୁନଃପଞ୍ଜୀକରଣ ପ୍ରକ୍ରିୟା ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଇଗ୍ନୋର ସମସ୍ତ ବିଭାଗର ପାଠ୍ୟକ୍ରମ ପାଇଁ ଏହି ବର୍ଦ୍ଧିତ ସମୟସୀମା ଧାର୍ଯ୍ୟ ହୋଇଛି।

ନାମଲେଖା ପଞ୍ଜୀକରଣ ଏବଂ ଦେୟ ଛାଡ ବାବଦରେ ଅଧିକ ତଥ୍ୟ ଜାଣିବା ପାଇଁ ଇଗ୍ନୋ ୱେବ୍‌ସାଇଟ୍ ଦେଖିବାକୁ ଭୁବନେଶ୍ୱର ଇଗ୍ନୋ କେନ୍ଦ୍ରର ଆଂଚଳିକ ନିର୍ଦ୍ଦେଶକ ଡକ୍ଟର ମନୋଜ କୁମାର ଦାଶ କହିଛନ୍ତି।

## ଗୁଣ୍ଡୁଣି ମେଳା

**ଭଦ୍ରକ** ଜିଲ୍ଲା ତିହିଡି ବ୍ଲକ୍ ପାଳିଆବିନ୍ଧା ପଂଚାୟତରେ ଥିବା ପର୍ଯ୍ୟଟନସ୍ଥଳ ଶ୍ରୀବିରଂଚିନାରାୟଣ ପୀଠରେ ଗୁଣ୍ଡୁଣି ମେଳା ଆରମ୍ଭ ହୋଇଛି। ୫ ଦିନ ଧରି ଅନୁଷ୍ଠିତ ହେଉଥିବା ମେଳାରେ ଶତାଧିକ ମଣ୍ଡପ ସ୍ଥାନ ପାଇଛି।